# ଗାଁ କଲ୍ୟାଣ ସମିତି ଓ ଗ୍ରାମପଞ୍ଚାୟତ ପକ୍ଷରୁ ରକ୍ତଦାନ ଶିବିର

ନିଆଳି, ୨୮।୧ (ସ.ପ୍ର): ନିଆଳି ବ୍ଲକ ଦେବୀ-କନକ ଦାପାଞ୍ଚଳରେ ସମସ୍ତ ଗାଁ କଲ୍ୟାଣ ସମିତି ଓ ଗ୍ରାମପଞ୍ଚାୟତ ପକ୍ଷରୁ କସର୍ଦ୍ଦା ମହାବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ସ୍ଥାନୀୟ ବିଧାୟକ ଡା. ପ୍ରମୋଦକୁମାର ମଲ୍ଲିକ ଉଦ୍‌ଘାଟନ କରିଥିବା ବେଳେ ଶିବିରରେ ସ୍ଥାନୀୟ ଅଞ୍ଚଳରୁ ମୋଟ ୮୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ଜଣାଯାଇଛି। ଏହି ଅବସରରେ ଏକ ସଚେତନତା ସଭା ରାଣିଓଳା ସରପଞ୍ଚ ସରୋଜକୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା।ଏହି ସଚେତନତା ଶିବିରରେ ଜିଲା ସ୍ୱାସ୍ଥ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଫୁଲ୍ଲକୁମାର ବେହେରା ଗାଁ କଲ୍ୟାଣ ସମିତି ଓ ଗ୍ରାମ ପଞ୍ଚାୟତର ଏପରି ପ୍ରୟାସକୁ ସାଧୁବାଦ ଜଣାଇଥିଲେ। ତାଙ୍କର ଜନ୍ମଦିନ ଏହି ଦିବସରେ ହୋଇଥିବା ବେଳେ ସେ ଆଜିର ରକ୍ତଦାନ କାର୍ଯ୍ୟକ୍ରମରେ ଯୋଗଦେଇଥିବାରୁ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ରଘୁରାମ ଅୟାର, ଗାଁ କଲ୍ୟାଣ ସମିତିର ପ୍ରବନ୍ଧିକା ଇତିଶ୍ରୀ ମିଶ୍ର, ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଲୋକନାଥ ପାତ୍ର, ଡାକ୍ତର ଶ୍ରୀକାନ୍ତ ପଣ୍ଡା, ସ୍ଥାନୀୟ ଜିଲା ପରିଷଦସଭ୍ୟା କବିତା ମହାପାତ୍ର, ଡଃ ପ୍ରିୟରଞ୍ଜନ ମହାପାତ୍ର, ଡଃ.ପ୍ରିୟଙ୍କା ଶୁଭଦର୍ଶିନୀ, କସର୍ଦ୍ଦା ସରପଞ୍ଚ ତ୍ରିଲୋଚନ ମହାନ୍ତି ଯୋଗଦେଇଥିଲେ।

